# Akashvani, Sambalpur

## SAMBALPURI NEWS EVENING BULLETIN

## 13 May 2025- 7.02 pm- 7.12 pm.

**********************************************

୧- ଆତଙ୍କବାଦ ବିରୋଧିଥି ଭାରତ୍‌ର ଲକ୍ଷ୍ମଣ ରେଖା ଇଦାହେ ଏକ୍‌ଦମ୍ ଫଟିକ୍ - କହେଲେ ପ୍ରଧାନମନ୍ତ୍ରୀ

୨- ମୟୁରଭଞ୍ଜ ଜିଲ୍ଲା ନ ୪ ଶହ ୨୦ କୋଟିନୁ ଅଏତ୍‌କା ଟଙ୍କାର୍ ଉନ୍ନୟନ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଶିଳାନ୍ୟାସ୍ କଲେ ମୁଖ୍ୟମନ୍ତ୍ରୀ ।

୩- ବାହାରିଲା ସିବିଏସ୍‌ଇ ୧୦ ଆଉ ୧୨ ଶ୍ରେଣୀ ପରୀକ୍ଷା ଫଲ୍ ।

ଆଉର୍

୪- ଆଣ୍ଡାମାନ୍ ପୁହୁଁଚିଲା ଦକ୍ଷିଣ ପଶ୍ଚିମ ମୌସୁମୀ, ଜୁନ୍ ପହେଲା ହପ୍ତାଥି ଓଡ଼ିଶା ପୁହୁଚିବାର୍ ସମ୍ଭାବନା- ସୂଚ୍‌ନା ଦେଲା ପାଣିପାଗ୍ ବିଭାଗ୍ ।

ପ୍ରଧାନମନ୍ତ୍ରୀ-ଆଦମପୁର ବାୟୁସେନା ଘାଟି ଗସ୍ତ
ଏନ୍‌ଏସ୍‌ଡି/ଏକ୍ସ

ଆତଙ୍କବାଦ ବିରୋଧ୍‌ଥି ଭାରତ୍‌ର ଲକ୍ଷ୍ମଣ ରେଖା ଇହାଦେ ଏକ୍‌ଦମ୍ ଫଟିକ୍ ଆଏ ଆଉ ଆଗ୍‌କେ ଆକ୍ରମଣ ହେଲେ ଭାରତ୍ ତାର୍ କଡ଼ା ଜବାବ୍ ଦେବା ବଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଏଜ୍ ପଞ୍ଜାବ୍‌ର ଆଦମ୍‌ପୁର ବାୟୁସେନା ଘାଟିନ ଯବାନମାନକୁ ତହଁକେଇ କରି କହିଛନ୍, ଅପରେସନ୍ ସିନ୍ଦୂର ଖାଲି ଗୁଟେ ସାଧାରଣ ସାମରିକ ଅପରେସନ୍ ନୁହେ, ଇଟା ଭାରତ୍‌ର ଗୁଟେ ନୀତି, ଚେରେଷ୍ଟା ଆଉ ଦୃଢ଼ନିର୍ଣ୍ଣୟର୍ ସମାହାର୍ ଆଏ । ସେମାନେ ଆମର୍ ମା-ବହେନ୍‌ମାନକର ସିନ୍ଦୂର ପୁଛିଦେଲେ, ଆମେ ଆତଙ୍କବାଦୀମାନଙ୍କର ଘର୍‌କେ ପଶିକରି ମାର୍‌ଲୁ । ପାକିସ୍ତାନ ର କେନ୍‌ସି ଜାଗାନ ଆଉ ଆତଙ୍କବାଦୀମାନେ ଶାନ୍ତିଥି ରହି ନାଇ ପାରନ୍ ବଲି ପ୍ରଧାନମନ୍ତ୍ରୀ କହିଛନ୍ ।

ଇ ଅବ୍‌ସରେ ପ୍ରଧାନମନ୍ତ୍ରୀ ବାୟୁସେନାର୍ ଯୋଦ୍ଧା ଆଉ ଯବାନମାନକର ସଙ୍ଗେ ସିଧା ସଲଖ୍ କଥାବାର୍ତା କରି କରି ସେମାନଙ୍କର୍ ତହଁକ୍ ବଢ଼େଇଛନ୍ ।

ମାଇ ଭାରତ୍ ସିଭିଲ୍ ଡିଫେନ୍ସ ଭଲ୍ୟୁଂଟିଅର୍- ପିଆଇବି

କେନ୍ଦ୍ର କ୍ରୀଡ଼ା ଆଉ ଯୁବ ବ୍ୟାପାର ମନ୍ତ୍ରଣାଳୟର୍ ମାଇ ଭାରତ୍ ଅଭିଯାନ୍‌ଥି ମୋ ଭାରତ୍ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀ ଭାବେ ଯୋଗ୍ ଦେବାର୍ ଲାଗି ଦେଶର୍ ଯୁଆନ୍ ପିଲା ଟୁକେଟଲ୍‌ମାନଙ୍କୁ ଆହ୍ୱାନ୍ ଦିଆଯାଇଛେ । କେନ୍‌ସି ଭିଲ୍ ଜରୁରୀ ଥିତି ବେଲ୍‌କେ ଯୁଆନ୍ ଗୋଷ୍ଠୀ ଦେଶର୍ ସୁରକ୍ଷା ଦିଗେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବାର୍ ଲାଗି ସେମାନଙ୍କୁ ତୟାର୍ କର୍‌ବାର୍‌କେ ଇ ଅଭିଯାନ୍‌ଥି ପ୍ରସ୍ତୁତ୍ କରାଯିବା ବଲି ମନ୍ତ୍ରଣାଳୟ ତର୍‌ଫୁ କୁହାଯାଇଛେ ।

## ମୁଖ୍ୟମନ୍ତ୍ରୀ ମୟୁରଭଞ୍ଜ ଗସ୍ତ I&PR

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏଜ୍ ମୟୁରଭଞ୍ଜ ଜିଲ୍ଲାର୍ ଭିନ୍ ଭିନ୍ ବ୍ଲକ୍ ଲାଗି ୪ ଶହ ୨୦ କୋଟିନୁ ଅଏତ୍‌କା ଟଙ୍କାର୍ ଉନ୍ନୟନ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଶିଳାନ୍ୟାସ୍ କରିଛନ୍ । ଇତାର୍ ସହେତେ ବିଶୋଇ ବ୍ଲକ୍ ମୁଖ୍ୟାଳୟଠାନେ ଗୁଟେ ଯୁକ୍ତ ଦୁଇ ମହାବିଦ୍ୟାଳୟ ଥାପ୍‌ନା, ବିଶୋଇ ମିନି ଷ୍ଟାଡିୟମ୍‌କେ ମହାପୁରୁଷ ଧରଣୀଧର ନାଏକଙ୍କର୍ ନାଁ ରଖ୍‌ବାର ଲାଗି ଆଉ ସେନ ତାଙ୍କର ପ୍ରତିମୂର୍ତ୍ତି ଥାପ୍‌ନା କରାଯିବା ବଲି ବିଶୋଇ ମିନିଷ୍ଟାଡିୟମ୍‌ଠାନେ ହେଇଥିବା ଗୁଟେ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ । ସେ ଆହୁରି କହିଛନ୍,

ଆଏବା ଦିନେ ଜିଲ୍ଲାନ ୧୦ ହଜାର କୋଟି ଟଙ୍କାର୍ ଶିଳ୍ପ ଥାପ୍ନା କରାଯିବା, ଯେନ୍ଟାକି ଜିଲ୍ଲାର ବିକାଶ୍କେ ଦୁଇଗୁନା କର୍ବା । କାର୍ଯ୍ୟକ୍ରମ୍ଥି ଗୃହ ଆଉ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ ଆଉ ପରିବେଶ ମନ୍ତ୍ରୀ ଗଣେଶରାମ ସିଂହ ଖୁଂଟିଆ, ମୟୁରଭଞ୍ଜ ସାଂସଦ ମମତା ମହାନ୍ତ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କର ସହେତେ ବିଧାୟକମାନେ ଯୋଗ୍ ଦେଇଥିଲେ ।

ତ୍ରିରଙ୍ଗା ଯାତ୍ରା- ଆର୍ଏନ୍ୟୁ/ ସମ୍ବଲପୁର

ଅପରେସନ୍ ସିନ୍ଦୂର୍ର ସଫଲ୍ତା ଉତ୍ରୁ ଭାରତୀୟ ଜନତା ପାର୍ଟି ତର୍ଫୁ ଆଏଜ୍ଠାନୁ ସାରାଦେଶେ ୧୧ ଦିନିଆ ତ୍ରିରଙ୍ଗା ଯାତ୍ରା ମୁଲ୍ ହେଇଛେ । ଅଭିଯାନ୍ ଜରିଏ ଭାରତୀୟ ସଶସ୍ତ୍ର ବାହିନୀର୍ ପାକିସ୍ତାନ ବିରୋଧ୍ଥି ନେଇଥିବା ସଫଲ୍ ପଦକ୍ଷେପ୍ ବାବ୍ଦେ ଲୁକ୍କୁ ଜନାଯିବା । କାର୍ଯ୍ୟକ୍ରମ୍ଥି ଆଘର୍ ସେନା କର୍ମଚାରୀ, ସମାଜ୍ସେବୀ, ସାମାଜିକ୍ ଅନୁଷ୍ଠାନ୍ ଆଉ ବିଜେପିର୍ ନେତାମାନେ ସାମିଲ୍ ରହେବେ ।

ଧନ୍ୟବାଦ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ- ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟ ବିଜେପି କୃଷକ୍ ମୋର୍ଚ୍ଚା ତର୍ଫରୁ ଆଏଜ୍ଠାନୁ ରାଜ୍ୟର୍ ୧୦ଟା ଜାଗାନ ଧନ୍ୟବାଦ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ ଆୟୋଜନ୍ କରାଯାଉଛେ । ଆଏଜ୍ ଭଦ୍ରକ ଜିଲ୍ଲା ଚାନ୍ଦବାଲିଠାନେ କାର୍ଯ୍ୟକ୍ରମ ହେଇଛେ । ଆଏବା ୧୫ ତାରିଖ କରଞ୍ଜିଆ, ୧୭ ତାରିଖ୍ ଜଗତସିଂହପୁର, ୧୮ ତାରିଖ୍ ଅନୁଗୁଳ, ୨୦ ତାରିଖ୍ ସୁବର୍ଣ୍ଣପୁର, ୨୨ ତାରିଖ୍ ଭବାନୀପାଟଣା, ୨୬ ତାରିଖ ରାୟଗଡ଼ା, ୨୮ ତାରିଖ ଭଞ୍ଜନଗର, ୩୦ ଆଉ ୩୧ ତାରିଖ୍ ସୁନ୍ଦରଗଡ଼ ଆଉ ଢେଙ୍କାନାଲଠାନେ କାର୍ଯ୍ୟକ୍ରମ୍ମାନ ହେବା ।

ସଚିବସ୍ତରୀୟ ବୈଠକ I&PR

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କର ଅଧ୍ୟକ୍ଷତାଥି ଭୁବନେଶ୍ୱର ଖାରବେଳ ଭବନ୍ଠାନେ ଆଏଜ୍ ସଖାଲ୍ବେଲା ସଚିବସ୍ତରୀୟ ବୈଠକ୍ ହେଇଯାଇଛେ । ବୈଠକ୍ଥି ରାଜ୍ୟ ସରକାରଙ୍କର ନୂଆ ଯୋଜ୍ନାମାନକର କାର୍ଯ୍ୟକାରିତା, ବିଭାଗ୍ମାନ୍କେ ଖାଲି ପଡ଼ିଥିବା ପଦ୍ ପୂରଣ, ସରକାରୀ କର୍ମଚାରୀମାନଙ୍କୁ ଧାରିଜ୍ ଅବସର ସମିଆର୍ ପ୍ରାପ୍ୟ ଆଉ ପେନ୍ସନ ଦେବାର୍, ସଚିବମାନଙ୍କର୍ ଜିଲ୍ଲାଗସ୍ତ ପର୍ଯ୍ୟବେକ୍ଷଣ୍ ବାବଦ୍ କାର୍ଯ୍ୟାନୁଷ୍ଠାନ ବାଗିର୍ ଭିନ୍ ଭିନ୍ ପ୍ରସଙ୍ଗ ଉପ୍ରେ ଆଲୋଚନା ହେଇଥିଲା । ବୈଠକ୍ଥି ଉନ୍ନୟନ କମିଶନର୍ ଆଉ

ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କର ସଙ୍ଗେ ଅତିରିକ୍ତ ମୁଖ୍ୟ ଶାସନ ସଚିବମାନେ ଯୋଗ୍ ଦେଇଥିଲେ ।

ସିବିଏସ୍ଇ-ଦ୍ୱାଦଶ/ଦଶମ ପରୀକ୍ଷା ଫଲ୍ ଆର୍ଏନ୍ୟୁ/ ସମ୍ବଲପୁର

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ-ସିବିଏସ୍ଇ ୧୦ ଆଉ ୧୨ ଶ୍ରେଣୀ ପରୀକ୍ଷା ଫଲ୍ ଆଏଜ୍ ବାହାରିଛେ । ୧୦ ଶ୍ରେଣୀ ପରୀକ୍ଷାର୍ଥି ପାସ୍ ହାର ୯୩ ଦଶମିକ୍ ୬/୬ ପ୍ରତିଶତ୍ ରହିଛେ । ଗଲାବଛର୍ଠାନୁ ଇ ବଛର୍ ଶୂନ୍ ଦଶମିକ୍ ୦/୬ ପ୍ରତିଶତ ଅଏତ୍କା ଛାତ୍ରଛାତ୍ରୀ ପାସ୍ କରିଛନ୍ । ଇ ବଛର୍ ୨୩ ଲାଖ୍ ୭୧ ହଜାର ୯ ଶହ ୩୯ ଝନ୍ ପରୀକ୍ଷା ଦେଇଥିଲେ । ସେଥିର୍ ଭିତ୍ରୁ ୨୨ ଲାଖ୍ ୨୧ ହଜାର ୬ ଶହ ୩୬ ଝନ୍ ପାସ୍ କରିଛନ୍ । ଇଥି ତ୍ରିଭେନ୍ଦ୍ରମ୍ ଜୋନ୍ର ପାସ୍ ହାର ସବୁନୁ ଜହ ୯୯ ଦଶମି୍କ ୭/୯ ପ୍ରତିଶତ୍ ଥିଲା ବେଲ୍କେ ଭୁବନେଶ୍ୱର ଜୋନ୍ ୯୨ ଦଶମି୍କ ୬/୪ ପ୍ରତିଶତ୍ ପାସ୍ ହାର ସହେତେ ଦେଶେ ୧୨ ନମ୍ବର ଜାଗାନ ରହିଛେ ।

ସେଆଡ଼େ ଇ ବଛର୍ ୧୨ ଶ୍ରେଣୀ ପରୀକ୍ଷାର୍ଥି ପାସ୍ ହାର ୮୮ ଦଶମିକ୍ ୩/୯ ପ୍ରତିଶତ ରହିଛେ । ଇଥି ଭୁବନେଶ୍ୱର ଜୋନ୍ର ପାସ୍ ହାର ୮୩ ଦଶମିକ ୬/୪ ପ୍ରତିଶତ୍ ରହିଥିଲା

ବେଲ୍‌କେ ଓଡ଼ିଶାର୍ ପାସ୍ ହାର ୭୮ ଦଶମିକ୍ ୭/୪ ପ୍ରତିଶତ୍ ରହିଛେ ।
ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପାସ୍ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜନେଇକରି ଇଟା ସେମାନଙ୍କର ଦୃଢ଼ ସଙ୍କଳ୍ପ, ଶୃଙ୍ଖଳା ଆଉ କଠିନ୍ ପରିଶ୍ରମ୍‌ର ଫଲ୍ ଆଏ ବଲି କହିଛନ୍ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଲ୍ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର୍ ସଫଲ୍‌ତା ଲାଗି ଶୁଭେଚ୍ଛା ଜନେଇଛନ୍ ।

ଶୀତଲ ଷଷ୍ଠି ସମୀକ୍ଷା ବୈଠକ୍- ସମ୍ବଲପୁର ସମ୍ବାଦଦାତା

ସମ୍ବଲପୁର ସର୍କିଟ୍ ହାଉସ୍‌ଠାନେ ପ୍ରସିଦ୍ଧ ଶୀତଲ ଷଷ୍ଠି ଯାତ୍ରାକେ ନେଇକରି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କର ଅଧ୍ୟକ୍ଷତାଥି ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଉତରାଂଚଲ ରାଜସ୍ୱ କମିଶନର୍, ପୁଲିସ ଉପମହାନିରୀକ୍ଷକ, ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ମହାନଗର ନିଗମ କମିଶନରଙ୍କର ସହେତେ ଅଧିକାରୀମାନେ ଯୋଗ୍ ଦେଇଥିଲେ । ଶୀତଲ ଷଷ୍ଠିକେ ରାଜ୍ୟ ସରକାର ୧ କୋଟି ୮ ଲାଖ୍ ଟଙ୍କାର ଅନୁଦାନ୍ ଦେଇଥିବାବେଲେ ଇଥର ଉଛବ୍‌କେ ମହାଆଡ଼ମ୍ବର୍‌ଥି

କର୍‌ବାର୍‌କେ ବୈଠକଥି ନିଷ୍ପତି ହେଇଛେ । ଇ ବାବ୍‌ଦେ ରାସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍‌....

(ଭଏସ୍ ଓଭର୍----ରାଜସ୍ୱ ମନ୍ତ୍ରୀ)

ଇନ ଜନେଇ ଦିଆଯାଇପାରେ ଯେ, ଆଏବା ୨୫ ତାରିଖ୍ ସମ୍ବଲପୁର ନ ଶୀତଲ ଷଷ୍ଠି ଯାତ୍ରା ମୁଲ୍ ହେବା ।

ଜନଶୁଣାଣି ନୂଆପଡ଼ା/ସୁବର୍ଣ୍ଣପୁର/ବୌଦ୍ଧ/ଦେବଗଡ଼

ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ ପଂଚାୟତ୍ ସମିତି କକ୍ଷଠାନେ ଜିଲ୍ଲାପ୍ରଶାସନର ଜନଶୁଣାଣି ଶିବିର ହେଇଯାଇଛେ । ଆସିଥିବା ଅଭିଯୋଗ୍‌ମାନଙ୍କର ତୁର୍‌ତି ସମାଧାନ କର୍‌ବାର୍ ଲାଗି ଜିଲ୍ଲାପାଳ ଆଉ ଆର୍‌କ୍ଷୀ ଅଧିକ୍ଷକ ଭିନ୍ ଭିନ୍ ବିଭାଗର୍ ଅଧିକାରୀମାନଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ସୁବର୍ଣ୍ଣପୁର ଜିଲ୍ଲାର ବିନିକା ବ୍ଲକ୍‌ଠାନେ ହେଇଥିବା ଜନଶୁଣାଣି ଶିବିର୍‌ଥି ୪୫ଟା ଅଭିଯୋଗ ଆସିଥିଲା । ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଆଉ ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ଅଭିଯୋଗ୍ ପାଏବାର୍ ଉତ୍‌ରୁ ସେ ସବୁର୍ ତୁର୍‌ତି ସମାଧାନ୍ ଲାଗି ବିଭାଗୀୟ ଅଧିକାରୀ ଆଉ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ବୌଦ୍ଧ ଜିଲ୍ଲା ଚାରିଛକଠାନେ ଥିବା ହରଭଙ୍ଗା ବ୍ଲକ୍ କାର୍ଯ୍ୟାଲୟନ ହେଇଥିବା ଜନଶୁଣାଣି ଶିବିର୍‌ଥି ୫୩ଟା ଅଭିଯୋଗ୍ ଆସିଥିଲା । ସେଥିର୍ ଭିତ୍‌ରୁ ୩୬ଟାର୍ ତୁର୍‌ତି ସମାଧାନ୍ କରାଯାଇଥିଲା ବେଲ୍‌କେ ବାକି ଅଭିଯୋଗ୍‌ମାନଙ୍କର ଜଲ୍‌ଦି ସମାଧାନ କର୍‌ବାର୍‌କେ ଅତିରିକ୍ତ ଜିଲ୍ଲାପାଳ ଆଉ ଆରକ୍ଷୀ ଅଧିକ୍ଷକ୍ ନିର୍ଦ୍ଦେଶ୍ ଦେଇଛନ୍ ।

ଦେବଗଡ଼ ଜିଲ୍ଲା ବାରକୋଟ୍ ବ୍ଲକ୍‌ଠାନେ ହେଇଥିବା ଯୁଗ୍ମ ଜନଶୁଣାଣି ଶିବିର୍‌ଥି ୨୧ଟା ଅଭିଯୋଗ ଆସିଥିଲା । ଅଭିଯୋଗ୍‌ମାନକର ତୁର୍‌ତି ସମାଧାନ କର୍‌ବାର୍ ଲାଗି ଜିଲ୍ଲାପାଳ ଆଉ ଆରକ୍ଷୀ ଅଧିକ୍ଷକ୍ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ପାତାଳଗଙ୍ଗା ବୈଶାଖ ମେଲା- ନୂଆପଡ଼ା ସମ୍ବାଦାଦାତା

ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ୍ ପବିତ୍ର ପାତାଳଗଙ୍ଗାଠାନେ ବୈଶାଖ ମେଲା ହେଇଯାଇଛେ । ଇ ଅବ୍‌ସରେ ନାମ ସଂକୀର୍ତନ, ନାମ ଯଜ୍ଞ ସହେତେ ଧାର୍ମିକ୍ ଅନୁଷ୍ଠାନ୍‌ମାନ ଆୟୋଜିତ୍ ହେଇଛେ । ପାତାଲ୍ ଗଙ୍ଗା କୁଣ୍ଡ ନ ଶ୍ରଦ୍ଧାଳୁମାନେ ବୁଡ଼୍ ପକେଇଥିଲେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଳ ମଧୁସୂଦନ୍ ଦାଶ, ଆଘର ବିଧାୟକ ହିତେଶ ବଗର୍ତ୍ତୀ, ବ୍ଲକ୍ ଅଧକ୍ଷ ଲମ୍ବୋଦର ନିଆଲ ଯୋଗ୍

ଦେଇଥିଲେ । ମେଲାଥି ଆଖର୍‌ପାଖର୍ ଜିଲ୍ଲା ଆଉ ପଡ଼ୋଶୀ ଛତିଶଗଡ଼ନୁ ହଜାର ହଜାର ସଂଖ୍ୟାଥି ଶ୍ରଦ୍ଧାଲୁ ଯୋଗ୍ ଦେଇଥିଲେ ।

ଗନ୍ଧରାଡ଼ି ମହୋତ୍ସବ୍ ଉଦ୍‌ଘାଟିତ୍         ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଐତିହାସିକ୍ ଗନ୍ଧରାଡ଼ି ପୀଠନ ଗନ୍ଧରାଡ଼ି ଲୋକ୍ ମହୋତ୍ସବ୍ ଉଦ୍‌ଘାଟିତ୍ ହେଇଯାଇଛେ । କାର୍ଯ୍ୟକ୍ରମଥି ମୁଖ୍ୟ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ୍ ଦେଇକରି ଇ ମହୋତ୍ସବ୍ ରାଜ୍ୟ ଆଉ ରାଜ୍ୟ ବାହାରେ ଲୋକ୍ ସଂସ୍କୃତି ଆଉ ପରମ୍ପରାର୍ ପ୍ରଚାର୍ ପ୍ରସାର୍ ଲାଗି ଗୁଟେ ବର୍‌କସ୍ ଜରିଆ ଆଏ ବଲି କହିଛନ୍ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲା ଆର୍ ଜିଲ୍ଲା ବାହାରର୍ ଭିନ୍ ଭିନ୍ ଦଲ୍ ତର୍‌ଫୁ ନାଚ୍‌ଗୀତ୍ ପରିବେଷଣ୍ ହେଇଥିଲା ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ଆଏଜ୍ ଆଣ୍ଡାମାନ ସାଗର ପୁହୁଁଚିଲା । ଆଣ୍ଡାମାନ୍ ପୁହୁଁଚିବାର୍ ଉତ୍‌ରୁ ଦକ୍ଷିଣ ବଙ୍ଗୋପସାଗର, ଦକ୍ଷିଣ ଆଣ୍ଡମାନ ସାଗର, ନିକୋବର ଦ୍ୱୀପ

ଆଉର୍ ଉତର ଆଣ୍ଡାମାନ ସାଗର୍ର କିଛି ଇଲାକା ଆଡ଼କେ ବଢ଼ିଛେ । ଇ ବଛର୍ ୬ ଦିନ୍ ଆଘୋନୁ ମୌସୁମୀ ଦକ୍ଷିଣ ଆଣ୍ଡାମାନ ସାଗର ପୁହିଁଚିଛେ ବଲି ଭାରତୀୟ ପାଣିପାଗ ବିଭାଗ ତର୍ଫୁ କୁହାଯାଇଛେ । ସେଆଡ଼େ ଆଘର ବଛର୍ ବାଗିର୍ ଇ ବଛର୍ ଭିଲ୍ ଆକଲନ୍ ଅନ୍ସାରେ ଆଏବା ୨୭ ତାରିଖ୍ତକ୍ ମୌସୁମୀ କେରଲ୍ ପୁହୁଁଚିବାର୍ ସମ୍ଭାବନା ଅଛେ । ଆଏବା ଜୁନ୍ ୮ ନୁ ୧୦ ତାରିଖ୍ ଭିତ୍ରେ ମୌସୁମୀ ଓଡ଼ିଶା ପୁହିଁଚିପାରେ ବଲି ବିଭାଗ୍ ତର୍ଫୁ କୁହାଯାଇଛେ ।

ଭୁବନେଶ୍ୱର ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନସାରେ ଆଏବା ୨୪ ଘଂଟା ଭିତ୍ରେ ବୌଦ୍ଧ, ସୁବର୍ଣ୍ଣପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର ସହେତେ ରାଜ୍ୟର ୨୫ଟା ଜିଲ୍ଲାନ ଘଡ଼ଘଡ଼ି ସହେତେ ସାମାଏନ୍ ବର୍ଷା ହେଇପାରେ । କିଛିଟା ଜାଗାନ ଜବର୍ ଧୁକାଗର୍ଜି ଆର୍ ବର୍ଷା ହେଇପାରେ । ସମୁଦ୍ର ଖଁଣି ଜିଲ୍ଲାମାନ୍କେ  ଜବର୍ ଖରା ଆଉ ଗରମ୍ ଲାଗି ରହେବା ବଲି ପାଣିପାଗ କେନ୍ଦ୍ର ଅନୁମାନ୍ କରିଛେ ।